Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** ଖୁବ କମ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଥିବାରୁ ଟୀକା ନିରାପଦ କି?

**A.** ଟୀକାର ଦକ୍ଷତା ଓ ନିରାପତ୍ତା ସୁନିଶ୍ଚିତ ହେବା ପରେ ହିଁ ଏହାର ନିୟନ୍ତ୍ରକମାନେ ଦେଶରେ ବ୍ୟବହାର ପାଇଁ ଅନୁମତି ଦେବେ ।

**Q.** ଏହି ଟୀକା ନେବା ବାଧ୍ୟତାମୂଳକ କି?

**A.** କୋଭିଡ-19 ଟୀକାକରଣ ସ୍ୱେଚ୍ଛାକୃତ ।

ତେବେ ନିଜକୁ ସୁରକ୍ଷିତ ରଖିବା ସହ ରୋଗର ସଂକ୍ରମଣ ରୋକିବା ନିମନ୍ତେ କୋଭିଡ-19 ଟୀକାର ସମସ୍ତ ଡୋଜ ନେବାପାଇଁ ପରାମର୍ଶ ଦିଆଯାଉଛି ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** ବିଭିନ୍ନ ପ୍ରକାର ଟୀକା ମିଳୁଥିବା ବେଳେ କିପରି ଗୋଟିଏ ବା ଏକାଧିକ ଟୀକାକୁ ଚୟନ କରାଯାଇଛି?

**A.** ଲୋକମାନଙ୍କଠାରେ ହୋଇଥିବା ଟୀକାର କ୍ଲିନିକାଲ ପରୀକ୍ଷଣ ପରେ ଏହାର ପ୍ରଭାବ ଓ ସୁରକ୍ଷାକୁ ଔଷଧ ନିୟନ୍ତ୍ରକ ପରୀକ୍ଷା ନିରୀକ୍ଷା କରିବା ପରେ ଲାଇସେନ୍ସ ପ୍ରଦାନ କରିଥାନ୍ତି । ସେ ଦୃଷ୍ଟିରୁ ସମସ୍ତ ଲାଇସେନ୍ସପ୍ରାପ୍ତ କୋଭିଡ-19 ଟୀକା ପ୍ରଭାବୀ ଓ ନିରାପଦ ।

ତେବେ, ଜଣେ ବ୍ୟକ୍ତି ଗୋଟିଏ ଟୀକାର ସମସ୍ତ ଡୋଜ ଗ୍ରହଣ କରିବା ଆବଶ୍ୟକ । କାରଣ ଅଲଗା ଅଲଗା ଟୀକା ଜଣଙ୍କ ଠାରେ ପ୍ରୟୋଗ କରାଯାଏ ନାହିଁ ।



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** ଭାରତରେ ଦିଆଯିବାକୁ ଥିବା ଟୀକା ଅନ୍ୟ ଦେଶର ଟୀକା ଭଳି ଫଳପ୍ରଦ କି ?

**A.** ହଁ । ଭାରତରେ ଦିଆଯିବାକୁ ଥିବା କୋଭିଡ -19 ଟୀକା ଅନ୍ୟ ଦେଶରେ ପ୍ରବର୍ତ୍ତିତ ଟୀକା ଭଳି ଫଳପ୍ରଦ । ଟୀକାର ପ୍ରଭାବ ଓ ସୁରକ୍ଷା ପାଇଁ ଏହାକୁ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା କରାଯାଇଛି ।

**Q.** ମୁଁ ଟୀକା ନେବାକୁ ଯୋଗ୍ୟ କି ନା କିପରି ଜାଣିବି?


**A.** ଏଥିପାଇଁ ଉପଯୁକ୍ତ ହିତାଧିକାରୀମାନଙ୍କୁ ସେମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରରେ ଟୀକାକରଣ ସମୟ ଜଣାଇ ଦିଆଯିବ ।

Ministry of
Health and Family Welfare
Goverment of India

my GOV मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** କୋଭିଡ-19 ଟୀକାକରଣ ଏକାଥରକେ ସମସ୍ତଙ୍କର କରାଯିବ କି ?

**A.** ସବୁଠାରୁ ଅଧିକ ସଂକ୍ରମଣ ଆଶଙ୍କା ଥିବା ହିତାଧିକାରୀଙ୍କୁ ସରକାର ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରିଛନ୍ତି ।

- ପ୍ରଥମ ଶ୍ରେଣୀରେ  ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା
- ଦ୍ୱିତୀୟ ଶ୍ରେଣୀରେ ପଚାଶ ବର୍ଷରୁ ଅଧିକ ଓ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତିଙ୍କୁ
- କ୍ରମଶଃ ଯେଉଁମାନେ ଚାହିଁବେ ସମସ୍ତଙ୍କୁ ଟୀକା ଦିଆଯିବ ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** କୋଭିଡରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ପାଇଁ ଟୀକା ନେବା ଜରୁରି କି?

**A.** ପୂର୍ବରୁ ସଂକ୍ରମିତ ଥାଇ ମଧ୍ୟ ବ୍ୟକ୍ତିଙ୍କୁ ଟୀକାର ସମସ୍ତ ଡୋଜ ନେବା ଦରକାର । ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଦୃଢ଼ୀଭୂତ ହୋଇଥାଏ ।

**Q.** କୋଭିଡ-19 ସଂକ୍ରମିତ (ସୁନିଶ୍ଚିତ/ସନ୍ଦିଗ୍ଧ) ବ୍ୟକ୍ତିଙ୍କ ଟୀକାକରଣ କରାଯିବ କି?

**A.** ସଂକ୍ରମିତ ବ୍ୟକ୍ତି ଅନ୍ୟୁନ 14 ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର । କାରଣ ସଂକ୍ରମିତ ବ୍ୟକ୍ତି ଟୀକାକରଣ ସ୍ଥାନରେ ଅନ୍ୟମାନଙ୍କୁ ସଂକ୍ରମିତ କରିବାର ସମ୍ଭାବନା ଅଧିକ ଥାଏ ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ





**Q.** ଭାରତରେ କୋଭିଡ ଟୀକାକୁ ଯୁକ୍ତ ଦୁଇରୁ ଯୁକ୍ତ ଆଠ ଡିଗ୍ରୀ ସେଲସିୟସ ତାପମାତ୍ରାରେ ମହଜୁଦ ରଖିବା ଏବଂ ଆବଶ୍ୟକ ତାପମାତ୍ରାରେ ପଠାଇବା ସମ୍ଭବ କି?

**A.** ଭାରତ ବିଶ୍ୱର ସର୍ବବୃହତ ଟୀକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥାଏ ଓ ଏଥିରେ 26 ନିୟୁତ ନବଜାତ ଶିଶୁ ଓ 29 ନିୟୁତ ଗର୍ଭବତୀ ମହିଳା ସାମିଲ ହୋଇଥାନ୍ତି ।

ଦେଶର ବୃହତ ଓ ବିବିଧ ଜନସଂଖ୍ୟା ଦୃଷ୍ଟିରୁ କାର୍ଯ୍ୟକ୍ରମ ପରିଚାଳନା ପଦ୍ଧତିକୁ ସମୟ କ୍ରମେ ଦକ୍ଷ ଓ ମଜଭୁତ କରାଯାଇଛି ।



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




## Q. ଟୀକା ନେବାକୁ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ ନିମନ୍ତେ କଣ କଣ ନଥିପତ୍ର ଆବଶ୍ୟକ

**A.** ନିମ୍ନରେ ପ୍ରଦତ୍ତ ଯେକୌଣସି ପରିଚୟ ପ୍ରମାଣପତ୍ର (ଫଟୋ ସହ) ନାମ ପଞ୍ଜୀକରଣ ବେଳେ ଆବଶ୍ୟକ:

- ଆଧାର/ଡ୍ରାଇଭିଂ ଲାଇସେନ୍ସ/ଭୋଟର ପରିଚୟପତ୍ର/ପାସପୋର୍ଟ/ଜବକାର୍ଡ/ ପେନସନ ନଥି
- ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଜାରି ଯୋଜନାରେ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ଼
- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି କାର୍ଡ (ଏମଜିଏନଆରଇଜିଏସ)
- ସାଂସଦ, ବିଧାୟକ, ବିଧାନ ପରିଷଦ ସଦସ୍ୟଙ୍କ ପାଇଁ ଜାରି ସରକାରୀ ପରିଚୟପତ୍ର
- ବ୍ୟାଙ୍କ/ଡାକଘର ଦ୍ୱାରା ଜାରି ପାସବୁକ
- କେନ୍ଦ୍ର/ରାଜ୍ୟ ସରକାର ଓ ସରକାରୀ ଉଦ୍ୟୋଗ ପକ୍ଷରୁ ଦିଆଯାଇଥିବା ପରିଚୟ ପତ୍ର



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q. ପଞ୍ଜୀକରଣ ବିନା ଯେକେହି କୋଭିଡ-19 ଟୀକା ନେଇପାରିବେ କି?**

A. ନା, କାରଣ କୋଭିଡ-19 ଟୀକାକରଣ ନିମନ୍ତେ ପଞ୍ଜୀକରଣ ବାଧ୍ୟତାମୂଳକ । ପଞ୍ଜୀକରଣ ପରେ ହିଁ ଟୀକାକରଣ ସ୍ଥାନ ଓ ସମୟ ନେଇ ସୂଚନା ପ୍ରଦାନ କରାଯାଇଥାଏ ।

**Q. ଯଦି ଜଣେ ଟୀକାକରଣ ସ୍ଥାନରେ ଫଟୋ ପରିଚୟ ପତ୍ର ଦେଖାଇବାକୁ ଅସମର୍ଥ ତାଙ୍କର ଟୀକାକରଣ ହେବ କି ନା ?**

A. ଫଟୋ ପରିଚୟପତ୍ର ଉଭୟ ପଞ୍ଜୀକରଣ ଓ ଯାଞ୍ଚ ପାଇଁ ବାଧ୍ୟତାମୂଳକ, ଏଥିରେ ଟୀକା ନେଇଥିବା ବ୍ୟକ୍ତିର ମତାମତ ସୁନିଶ୍ଚିତ କରାଯାଏ ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q. ହିତାଧିକାରୀ ଟୀକା ଦିଆଯିବାର ସଠିକ ତାରିଖ ସମ୍ପର୍କରେ ସୂଚନା କିପରି ପାଇପାରିବେ?**

**A.** ଅନଲାଇନ ପଞ୍ଜୀକରଣ ପରେ ହିତାଧିକାରୀଙ୍କ ପାଖକୁ ତାଙ୍କ ମୋବାଇଲ ଫୋନରେ ମେସେଜ ଯିବ । ଏଥିରେ ଟୀକା ନେବାର ସଠିକ ତାରିଖ, ସ୍ଥାନ ଏବଂ ସମୟ ଉଲ୍ଲେଖ କରାଯାଇଥିବ।

**Q. ଟୀକାକରଣ ପ୍ରକ୍ରିୟା ଶେଷ ହେବା ପରେ ହିତାଧିକାରୀ ତାଙ୍କ ଟୀକାକରଣ ବିଷୟରେ ସୂଚନା ପାଇବେ କି?**

**A.** ହଁ, କୋଭିଡ-19 ଟୀକା ନେଇ ସାରିବା ପରେ ହିତାଧିକାରୀଙ୍କ ମୋବାଇଲ ନମ୍ବରରେ ଏକ ମେସେଜ ଯିବ। ଟୀକାର ସବୁ ଡୋଜ ନେଇସାରିବା ପରେ କ୍ୟୁଆର କୋଡ଼ ଯୁକ୍ତ ଏକ ପ୍ରମାଣପତ୍ର ସେମାନଙ୍କର ନମ୍ବରରେ ପଠାଯିବ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ





**Q.** ଟୀକାକରଣ ସ୍ଥାନରେ କୌଣସି ପ୍ରତିଷେଧକ ବ୍ୟବସ୍ଥା ବା ପ୍ରତିକାର ଆବଶ୍ୟକ କି?

**A.**
- କୋଭିଡ-19 ଟୀକା ନେବାପରେ ଟୀକାକରଣ ସ୍ଥାନରେ ଆପଣଙ୍କୁ ଅନ୍ୟୁନ ଅଧ ଘଣ୍ଟା ବିଶ୍ରାମ ନେବାକୁ ହେବ ।
- ଆପଣ କୌଣସି ପ୍ରକାର ଅଶ୍ୱସ୍ତି ଅନୁଭବ କରୁଥିଲେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ/ଏଏନଏମ/ଆଶାଙ୍କୁ ଜଣାଇବେ
- ତେବେ ମନେ ରଖନ୍ତୁ ଆପଣଙ୍କୁ କୋଭିଡ-19 ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଯଥା–ମାସ୍କ ପରିଧାନ, ହାତଧୁଆ ଓ ଛଅ ଫୁଟ ପର୍ଯ୍ୟନ୍ତ ଶାରୀରିକ ଦୂରତା ରକ୍ଷା ଆଦି ନିୟମଗୁଡିକୁ ମାନିବାକୁ ପଡିବ ।

Ministry of
Health and Family Welfare
Goverment of India

myGOV
मेरी सरकार




# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## Q. କୋଭିଡ-19 ଟୀକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଅଛି ?


**A.**

- ନିରାପତ୍ତା ପ୍ରମାଣିତ ହେବା ପରେ କୋଭିଡ ଟୀକା ପ୍ରଚଳନ କରାଯିବ।
- ଅନ୍ୟ ସବୁ ଟୀକା ନେବା ପରେ କେତେକ ବ୍ୟକ୍ତିଙ୍କଠାରେ ସାମାନ୍ୟ ଜ୍ୱର/ ଇଞ୍ଜେକସନ ନେବା ସ୍ଥାନରେ ପୀଡ଼ା ଇତ୍ୟାଦି ପରିଲକ୍ଷିତ ହେଇଥାଏ ।
- ରାଜ୍ୟଗୁଡ଼ିକୁ ଟୀକାଜନିତ ଯେକୌଣସି ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ କୁହାଯାଇଛି ।

Ministry of Health and Family Welfare
Goverment of India



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q.** କର୍କଟ, ମଧୁମେହ ଓ ଉଚ୍ଚ ରକ୍ତଚାପ ନିମନ୍ତେ ଔଷଧ ସେବନ କରିଥିବା ବ୍ୟକ୍ତି କୋଭିଡ-19 ଟୀକା ନେଇପାରିବେ କି?

**A.** ହାଁ ଯାହାଙ୍କର ଏହିପରି ଏକାଧିକ ଲକ୍ଷଣ ଥିବ ସେମାନେ ଅଧିକ ସମ୍ଭାବ୍ୟ ରୋଗୀ ଶ୍ରେଣୀରେ ଆସୁଛନ୍ତି । ସେମାନେ କୋଭିଡ ଟୀକା ନେବା ଆବଶ୍ୟକ ।

**Q.** ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ସମ୍ମୁଖ ଯୋଦ୍ଧାଙ୍କ ପରିବାର କୋଭିଡ-19 ଟୀକା ନେବା ଆବଶ୍ୟକ କି?

**A.** ସୀମିତ ଟୀକା ଯୋଗାଣ ଦୃଷ୍ଟିରୁ ପ୍ରଥମ ପର୍ଯ୍ୟାୟରେ ଅଗ୍ରାଧିକାର ଭିତ୍ତିରେ ସମ୍ମୁଖ ଯୋଦ୍ଧାଙ୍କୁ ଦିଆଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକତା ଅନୁସାରେ ଅନ୍ୟମାନଙ୍କୁ ଟୀକା ଦିଆଯିବ ।

Ministry of
Health and Family Welfare
Goverment of India

myGOV
मेरी सरकार



# କୋଭିଡ-19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ




**Q. ଟୀକାର କେତେ ଡୋଜ ଓ କେତେ ସମୟ ବ୍ୟବଧାନରେ ନେବା ଆବଶ୍ୟକ?**

A. ଟୀକାର ଦୁଇଟି ଡୋଜ 28 ଦିନ ବ୍ୟବଧାନରେ ନେଇ ଟୀକାକରଣର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ହେବ ।

**Q. ଟୀକା ନେବାର କେତେ ଦିନ ପରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୁଏ?**

A. ଟୀକାର ଦ୍ୱିତୀୟ ଡୋଜ ନେବାର ଦୁଇ ସପ୍ତାହ ମଧ୍ୟରେ ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ ।